# ବର୍ତ୍ତିଗଲେ ୧୮୦ ବିମାନ ଯାତ୍ରୀ

ରାଞ୍ଚି, ୧୨।୨/ପିଟି : ରାଞ୍ଚିର ବିର୍ସାମୁଣ୍ଡା ଏୟାରପୋର୍ଟରେ ପାଇଲଟ୍‌ଙ୍କ ସତର୍କତା ଯୋଗୁ ଏକ ଇଣ୍ଡିଗୋ ବିମାନର ୧୮୦ ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଆଜି ପୂର୍ବାହ୍ନ ୯.୩୫ରେ ୬ଇ-୩୯୮ ଫ୍ଲାଇଟ୍ ଉଡ଼ାଣ କରିବାକୁ ଥିଲା ବେଳେ ପାଇଲଟ୍ ଏଥିରେ କେତେକ ବୈଷୟିକ ତ୍ରୁଟି ଥିବା ଜାଣି ପାରିଥିଲେ । ଫଳରେ ବିମାନଟି ଉଡ଼ାଣ କରିନପାରି ସେଠାରେ ଅଟକି ରହିଥିଲା । ଇଞ୍ଜିନିୟରମାନଙ୍କୁ ଏହି ତ୍ରୁଟି ଚିହ୍ନଟ କରିବାକୁ ଅଢ଼େଇ ଘଣ୍ଟାରୁ ଅଧିକ ସମୟ ଲାଗିଥିଲା । ଫଳରେ ମଧ୍ୟାହ୍ନ ପରେ ବିମାନଟି ଉଡ଼ାଣ କରିଥିଲା ।

ନିତିଦିନ NITIDIN Tue, Feb 13, 2018
http://odishanewsnitidin.com